# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 19 February - 2025

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ବିପର୍ଯ୍ୟୟ ସୁପରିଚାଳନା ପାଇଁ କେନ୍ଦ୍ର ସରକାର ଓଡ଼ିଶାକୁ ୨୫୫ କୋଟି ଟଙ୍କାର ଅତିରିକ୍ତ ସହାୟତା ପ୍ରଦାନ କଲେ
- ବଜେଟ୍ ଅଧିବେଶନର ଷଷ୍ଠ ଦିନରେ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଗୃହ ମୁଲତବୀ
- ଦେଶର ୨୬ତମ ମୁଖ୍ୟ ନିର୍ବାଚନ କମିଶନର ଭାବେ ଦାୟିତ୍ୱ ଗ୍ରହଣ କଲେ ଜ୍ଞାନେଶ କୁମାର

ଏବଂ

- ବନକ ଲାଗି ନୀତି ପାଇଁ ଆଜି ଅପରାହ୍ଣ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ

# ବିପର୍ଯ୍ୟୟ -ଅମିତ୍ ଶାହା

ବିପର୍ଯ୍ୟୟ ପରିଚାଳନାର ମୁକାବିଲା ପାଇଁ କେନ୍ଦ୍ର ସରକାର ଓଡ଼ିଶା ସମେତ ୫ଟି ରାଜ୍ୟକୁ ପ୍ରାୟ ୧ ହଜାର ୫୫୫ କୋଟି ଟଙ୍କାର ଅତିରିକ୍ତ ସହାୟତା ପ୍ରଦାନ କରିଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଅଧ୍ୟକ୍ଷତାରେ ଏ ସମ୍ପର୍କିତ ଉଚ୍ଚସ୍ତରୀୟ କମିଟି ଓଡ଼ିଶାକୁ ୨୫୫ କୋଟିରୁ ଅଧିକ ଟଙ୍କାର ସହାୟତା ପ୍ରଦାନ କରିଛି। ୨୦୨୪-୨୫ ଆର୍ଥିକବର୍ଷ ପାଇଁ କେନ୍ଦ୍ର ସରକାର ବନ୍ୟା, ବାତ୍ୟା, ଭୂ-ସ୍ଖଳନ ନିମନ୍ତେ ଏହି ସହାୟତା ରାଶି ପ୍ରଦାନ କରିଛନ୍ତି। ପୂର୍ବରୁ ଚଳିତ ଆର୍ଥିକବର୍ଷରେ ୨୭ଟି ରାଜ୍ୟକୁ କେନ୍ଦ୍ର ସରକାର ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ପ୍ରାୟ ୧୮ ହଜାର ୩୨୩ କୋଟି ଟଙ୍କା ପ୍ରଦାନ କରିଛନ୍ତି।

# ବିପର୍ଯ୍ୟୟ -ଅମିତ୍ ଶାହା

ବିପର୍ଯ୍ୟୟ ପରିଚାଳନାର ମୁକାବିଲା ପାଇଁ କେନ୍ଦ୍ର ସରକାର ଓଡ଼ିଶା ସମେତ ୫ଟି ରାଜ୍ୟକୁ ପ୍ରାୟ ୧ ହଜାର ୫୫୫ କୋଟି ଟଙ୍କାର ଅତିରିକ୍ତ ସହାୟତା ପ୍ରଦାନ କରିଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଅଧ୍ୟକ୍ଷତାରେ ଏ ସମ୍ପର୍କିତ ଉଚ୍ଚସ୍ତରୀୟ କମିଟି ଓଡ଼ିଶାକୁ ୨୫୫ କୋଟିରୁ ଅଧିକ ଟଙ୍କାର ସହାୟତା ପ୍ରଦାନ କରିଛି। ୨୦୨୪-୨୫ ଆର୍ଥିକବର୍ଷ ପାଇଁ କେନ୍ଦ୍ର ସରକାର ବନ୍ୟା, ବାତ୍ୟା, ଭୂ-ସ୍ଖଳନ ନିମନ୍ତେ ଏହି ସହାୟତା ରାଶି ପ୍ରଦାନ କରିଛନ୍ତି। ପୂର୍ବରୁ ଚଳିତ ଆର୍ଥିକବର୍ଷରେ ୨୭ଟି ରାଜ୍ୟକୁ କେନ୍ଦ୍ର ସରକାର ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ପ୍ରାୟ ୧୮ ହଜାର ୩୨୩ କୋଟି ଟଙ୍କା ପ୍ରଦାନ କରିଛନ୍ତି।

## ବିଧାନସଭା

ବିଧାନସଭା ବଜେଟ୍ ଅଧିବେଶନର ଷଷ୍ଠ ଦିନରେ ଆଜି ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁଁ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହେବାରୁ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି। ମିଶନଶକ୍ତି, ମହିଳା ସୁରକ୍ଷା, ସ୍ୱୟଂ ସହାୟକ ଗୋଷ୍ଠୀ ପୁନର୍ଗଠନ ବନ୍ଦ ଆଦି ପ୍ରସଙ୍ଗକୁ ନେଇ ବିରୋଧୀ ଦଳର ବିଧାୟକମାନେ ବିରୋଧ ପ୍ରଦର୍ଶନ ସହ ସ୍ଲୋଗାନ ଦେଇଥିଲେ। ଗୃହ ମୁଲତବୀ ହେବା ପରେ ବିଜେଡି ବିଧାୟକମାନେ ବିଧାନସଭା ପରିସରରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ତଳେ ଧାରଣା ପ୍ରଦର୍ଶନ କରିଛନ୍ତି। ଗୃହ ଚାଲିଥିଲେ ରାଜ୍ୟ ସ୍ୱାର୍ଥ ସମ୍ବଳିତ ଅନେକ ପ୍ରସଙ୍ଗ ଆଲୋଚନା ହୋଇ ପାରିଥାନ୍ତା ବୋଲି ଶାସକ ଦଳ ପକ୍ଷରୁ କୁହାଯାଇଛି।

## ବିଧାନସଭା-ଧାନପୋକ

ରାଜ୍ୟରେ ଧାନପୋକ ଯୋଗୁଁ  ୭୪ ହଜାର ୮୨୫ ଦଶମିକ ୬ ହେକ୍ଟର ଧାନ ନଷ୍ଟ ହୋଇଛି ବୋଲି ବିଧାନସଭାରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଛନ୍ତି। ଗୃହକୁ ସୂଚନା ଦେଇ ଶ୍ରୀ ସିଂହଦେଓ କହିଛନ୍ତି, ରାଜ୍ୟର ସମସ୍ତ ଜିଲ୍ଲାରେ ପ୍ରାୟ ୧୯ ପ୍ରକାରର ଧାନପୋକ ଯୋଗୁଁ ଫସଲ କ୍ଷୟକ୍ଷତି ହୋଇଥିବା ନଜରକୁ ଆସିଛି। ପ୍ରତ୍ୟେକ ପଞ୍ଚାୟତରେ ଇ-ରୋଗପୋକ ସର୍ବେକ୍ଷଣ କାର୍ଯ୍ୟ ଚାଲିଛି। କୃଷି ସମୃଦ୍ଧ ହେଲ୍ପଲାଇନ୍ ଦ୍ୱାରା ଚାଷୀମାନଙ୍କୁ ରୋଗ ପୋକର ନିରାକରଣ ସମ୍ପର୍କରେ ପରାମର୍ଶ ଦିଆଯାଉଛି। ରାସାୟନିକ ସାରର ସଠିକ୍ ବ୍ୟବହାର ପାଇଁ ୨୦୦ଟି କୃଷକ ତାଲିମ୍ ଶିବିରର ମଧ୍ୟ ଆୟୋଜନ କରାଯାଇଛି।  କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଡିବିଟି

ମାଧ୍ୟମରେ ପଞ୍ଜୀକୃତ ଡିଲରଙ୍କଠାରୁ ଜୈବ ରାସାୟନିକ କିଣିବା ପରେ ୫୦ ପ୍ରତିଶତ ରିହାତି ସହ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ।

## ବିଧାନସଭା-ଉତ୍କର୍ଷ ଓଡ଼ିଶା

ଉତ୍କର୍ଷ ଓଡ଼ିଶା ସମ୍ମିଳନୀ-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ୨୦୨୫ରେ ରାଜ୍ୟ ସରକାର ୬ଟି ବିଭିନ୍ନ ସରକାରୀ ସଂସ୍ଥାମାନଙ୍କ ସହ ୧୧,୦୨୦ ମେଗାୱାଟ ସୌରଶକ୍ତି ଉତ୍ପାଦନ ପାଇଁ ଏମ୍‌ଓୟୁ ବା ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଜି ବିଧାନସଭାରେ ପ୍ରକାଶ କରିଛନ୍ତି । କଂଗ୍ରେସ ବିଧାୟକ ଶ୍ରୀ ତାରା ପ୍ରସାଦ ବାହିନୀପତିଙ୍କ ଏ ସମ୍ପର୍କିତ ପ୍ରଶ୍ନର ଲିଖିତ ଉତ୍ତରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ୬ଟି ସଂସ୍ଥା ସହିତ ସୌରଶକ୍ତି ଉତ୍ପାଦନ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ କରାଯାଇଛି ।

## ବିଧାନସଭା-ଇ-କେୱାଇସି

ରାଜ୍ୟରେ ଗତ ୧୪ ତାରିଖ ସୁଦ୍ଧା ୨ କୋଟି ୯୯ ଲକ୍ଷ ୭୬ ହଜାର ୮୫୨ ଜଣ ହିତାଧିକାରୀଙ୍କ ଇ-କେ.ୱାଇ.ସି. ଯାଞ୍ଚ କାର୍ଯ୍ୟ ଶେଷ ହୋଇଛି ବୋଲି ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ଏହି ସମୟସୀମା ସୁଦ୍ଧା ୧ ଲକ୍ଷ ୩୬ ହଜାର ୧୯୨ ଜଣ ହିତାଧିକାରୀଙ୍କ ଇ-କେୱାଇସି ଯାଞ୍ଚ ରାଜ୍ୟ ବାହାରେ କରାଯାଇଛି । ଅନ୍ୟପକ୍ଷରେ, ୩୨ ଲକ୍ଷ ୫୬ ହଜାର ୪୬୫ ଜଣ ହିତାଧିକାରୀଙ୍କ ଇ-କେୱାଇସି ଯାଞ୍ଚ ଶେଷ ହୋଇ ପାରି ନଥିବା ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି । ଇ-କେୱାଇସି ଯାଞ୍ଚ ପ୍ରକ୍ରିୟାରେ  ୩ ଲକ୍ଷ ୨୮

ହଜାର ୯୩୨ ଜଣ ମୃତ ବ୍ୟକ୍ତିଙ୍କୁ ବାଦ୍ ଦିଆଯାଇଛି । ଯେଉଁମାନେ କୌଣସି କାରଣରୁ ଯାଞ୍ଚ ପ୍ରକ୍ରିୟାରେ ସାମିଲ ହୋଇପାରି ନାହାନ୍ତି ସେମାନେ ଡିଲରଙ୍କ ପାଖକୁ ଯାଇ ଯାଞ୍ଚ କରାଇବାକୁ ମନ୍ତ୍ରୀ ଶ୍ରୀ ପାତ୍ର ପରାମର୍ଶ ଦେଇଛନ୍ତି ।

## ବିଧାନସଭା-ହସ୍ତତନ୍ତ

ରାଜ୍ୟରେ ବର୍ଷକୁ ପ୍ରାୟ ୩୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ହସ୍ତତନ୍ତ ବସ୍ତ୍ର ବିକ୍ରୟ କରାଯାଉଛି । ପୂର୍ବବର୍ଷ ତୁଳନାରେ ଅନଲାଇନରେ ବିକ୍ରୟ ହାର ୩୧ ଦଶମିକ ୮/୮ ପ୍ରତିଶତକୁ ବୃଦ୍ଧି ହୋଇଛି ବୋଲି ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ ଆଜି ବିଧାନସଭାରେ ବିଧାୟକ ଧ୍ରୁବଚରଣ ସାହୁଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ କହିଛନ୍ତି । ଅନଲାଇନ ମାଧ୍ୟମରେ ୨୦୨୩-୨୪ ବର୍ଷରେ ପ୍ରାୟ ୨୪୫ ଲକ୍ଷ ଟଙ୍କା ମୂଲ୍ୟର ହସ୍ତତନ୍ତ ସାମଗ୍ରୀ ବିକ୍ରୟ କରାଯାଇଛି ।

## ରାଜ୍ୟରେ ଚାଷୀ ସଂଖ୍ୟା

ରାଜ୍ୟରେ ମୋଟ୍ ୪୮ ଲକ୍ଷ ୬୫ ହଜାର ୮୫୦ ଜଣ ଚାଷୀ ଅଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବିଧାନସଭାରେ କହିଛନ୍ତି । ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନାରେ ଗତ ଅକ୍ଟୋବର ମାସ ପର୍ଯ୍ୟନ୍ତ ୩୧  ଲକ୍ଷ ୫୧ ହଜାର ୭୦୦ ଜଣ ଚାଷୀ ଉପକୃତ ହୋଇଥିବାବେଳେ ସିଏମ୍ କିଷାନ ଯୋଜନା ମାଧ୍ୟମରେ ୪୫ ଲକ୍ଷ ୫୭ ହଜାର ୭୩୩ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉପକୃତ ହୋଇଛନ୍ତି ।

## ବିଧାନସଭା-ସୁନା ମାପ ଠକେଇ

ସୁନା କିଣୁଥିଲେ ଗ୍ରାହକମାନେ ସାବଧାନତା ଅବଲମ୍ବନ କରିବାର ଆବଶ୍ୟକତା ରହିଛି। ଗତ ୫ ବର୍ଷରେ ୩୬ ଜଣ ବ୍ୟବସାୟୀ ଓଜନ ମାପ ଠକେଇରେ ଧରା ପଡିଛନ୍ତି।  ବିଧାନସଭାରେ ଆଜି ଏକ ପ୍ରଶ୍ନର ଉତ୍ତରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ମାପରେ ତ୍ରୁଟି କାରଣରୁ ଦୋକାନୀଙ୍କଠାରୁ ୪ ଲକ୍ଷ ୯୭ ହଜାର ୫୦୦ ଟଙ୍କାର ଜୋରିମାନା ଆଦାୟ କରାଯାଇଛି। ସେହିପରି ୮ ଜଣ ବଡ଼ ବ୍ୟବସାୟୀ ନକଲୀ ହଲ୍‌ମାର୍କରେ ସୁନା ବିକ୍ରି କରୁଥିବା ଅଭିଯୋଗରେ ୭ ଜଣଙ୍କ ଲାଇସେନ୍ସ ବାତିଲ ସହ ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ଗୃହରେ କହିଛନ୍ତି।

## ସିଇସି

ଭାରତର ୨୬ତମ ମୁଖ୍ୟ ନିର୍ବାଚନ କମିଶନର ଭାବେ ଜ୍ଞାନେଶ କୁମାର ଆଜିଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ନେବା ପରେ ଶ୍ରୀ କୁମାର କହିଛନ୍ତି, ରାଷ୍ଟ୍ର ନିର୍ମାଣ ପାଇଁ ପ୍ରଥମ ପଦକ୍ଷେପ ହେଉଛି ମତଦାନ। ୧୮ ବର୍ଷରୁ ଊର୍ଦ୍ଧ୍ୱ ଭାରତର ସମସ୍ତ ନାଗରିକ ମତଦାତା ହେବା ସହ ମତଦାନ କରିବା ନିତ୍ୟାନ୍ତ ଆବଶ୍ୟକ।

୨୦୨୯ ଜାନୁଆରୀ ୨୬ ତାରିଖ ପର୍ଯ୍ୟନ୍ତ ଶ୍ରୀ କୁମାର ଦାୟିତ୍ୱରେ ରହିବେ। ପୂର୍ବରୁ ସେ ନିର୍ବାଚନ ଆୟୁକ୍ତ ଭାବେ କାର୍ଯ୍ୟ କରୁଥିଲେ। ମୁଖ୍ୟ

ନିର୍ବାଚନ କମିଶନର ରାଜୀବ କୁମାରଙ୍କର କାର୍ଯ୍ୟକାଳ ଗତକାଲି ଶେଷ ହୋଇଛି ।

# ଯୁକ୍ତ ୨ ପରୀକ୍ଷା

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ କଳା ଓ ବାଣିଜ୍ୟ ଥିଓରୀ ପରୀକ୍ଷା ଆଜିଠାରୁ ଆରମ୍ଭ ହୋଇଛି । ମୋଟ୍ ୧ ହଜାର ୨୭୬ଟି ପରୀକ୍ଷା କେନ୍ଦ୍ରରେ ୨ ଲକ୍ଷ ୧୫ ହଜାର ପରୀକ୍ଷାର୍ଥୀ ଆଜି ମାତୃଭାଷା ପରୀକ୍ଷା ଦେଇଛନ୍ତି। ଚଳିତବର୍ଷ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷା ପାଠ୍ୟକ୍ରମରେ ମୋଟ୍ ୩ ଲକ୍ଷ ୯୩ ହଜାର ୬୧୮ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି।

# ବନକଲାଗି ନୀତି

**ପୁରୀ** ଶ୍ରୀମନ୍ଦିରରେ ଆଜି ଫାଲଗୁନ କୃଷ୍ଣ ଷଷ୍ଠୀ ତିଥିରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବା ପରେ ଏହି ଗୁପ୍ତ ନୀତି କରାଯିବ। ଦିପହର ଧୂପ ସରିବା ପରେ ଦତ୍ତ ମହାପାତ୍ର ସେବକମାନେ ମହାପ୍ରଭୁଙ୍କର ଶ୍ରୀମୁଖ ଶୃଙ୍ଗାର କରିବେ। ରତ୍ନ ସିଂହାସନରେ ପ୍ରଭୁ ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ, ଦେବୀ ସୁଭଦ୍ରା ଏବଂ ଚକ୍ରରାଜ ଶ୍ରୀସୁଦର୍ଶନଙ୍କ ଶ୍ରୀମୁଖ ଶୃଙ୍ଗାର କରାଯିବ। ଏହି ନୀତି ଶେଷ ହେବା ପରେ ମହାପ୍ରଭୁଙ୍କ ମହାସ୍ନାନ, ଚନ୍ଦନଲାଗି, ବଡସିଂହାର ଭୋଗ ଏବଂ ରାତ୍ର ପହୁଡ କରାଯିବ।

ବନକଲାଗି ନୀତି ପାଇଁ  ଆଜି ଅପରାହ୍ଣ ୫ଟା ଠାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ନାମଲେଖା

ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ଜାନୁଆରୀ ୨୦୨୫ ସେସନ ପାଇଁ ନାମଲେଖା ଅବଧିକୁ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଛାତ୍ରଛାତ୍ରୀମାନେ **ignou adminission.samarth.edu.in**ରେ ଆବେଦନ କରିପାରିବେ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

## ପ୍ରଶିକ୍ଷଣ ଶିବିର

**ଭଦ୍ରକ** ଜିଲ୍ଲା ଧାମନଗରଠାରେ ଚାଷୀଙ୍କ ଦକ୍ଷତା ବିକାଶ ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। କୃଷି ବିଭାଗ ଅଧିକାରୀମାନେ ଯୋଗଦେଇ ଜୈବିକ ପଦ୍ଧତିରେ ପରିବା ଚାଷ ଉତ୍ପାଦନ ବୃଦ୍ଧି କରିବା ଉପରେ ଚାଷୀଙ୍କୁ ପରାମର୍ଶ ଦେଇଥିଲେ।

## ପାରା ଆଥଲେଟିକ୍ସ

ଚେନ୍ନାଇର ଜବାହାରଲାଲ ନେହେରୁ ଷ୍ଟାଡିୟମ୍‌ରେ ଚାଲିଥିବା ୨୩ତମ ଜାତୀୟ ପାରା-ଆଥଲେଟିକ୍ସ ଚାମ୍ପିୟନସିପରେ ଓଡ଼ିଶାକୁ ସ୍ୱର୍ଣ୍ଣ ପଦକ ମିଳିଛି। ମହିଳା ଟି-୪୭ ବର୍ଗରେ ୧୦୦ ମିଟରରେ ପାରା ଆଥଲିଟ୍ ଜୟନ୍ତୀ

ବେହେରା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶାର ୩୨ଜଣ ପାରାଆଥଲିଟ୍ ଅଂଶ ଗ୍ରହଣ କରିଛନ୍ତି।

## କବାଡି ଚାମ୍ପିଅନ୍‌ସିପ୍

କଟକ ଜବାହରଲାଲ୍ ନେହେରୁ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ଆସନ୍ତାକାଲିଠାରୁ ଜାତୀୟ ବରିଷ୍ଠ ପୁରୁଷ କବାଡି ଚାମ୍ପିଅନ୍‌ସିପ୍‌ର ୭୧ତମ ସଂସ୍କରଣ ଆରମ୍ଭ ହେବ। ୨୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ଦେଶର ସମସ୍ତ ରାଜ୍ୟର ପ୍ରତିଯୋଗୀ ଏବଂ ୪ଟି ବିଭାଗୀୟ ଦଳ ଏଥିରେ ଭାଗ ନେବେ। ଓଡ଼ିଶା କବାଡି ସଂଘ ଏବଂ ରାଜ୍ୟ କ୍ରୀଡା ବିଭାଗର ମିଳିତ ସହଯୋଗରେ କବାଡି ଚାମ୍ପିଅନ୍‌ସିପ୍‌ର ଆୟୋଜନ କରାଯାଇଛି।

## ପାଣିପାଗ

ରାଜ୍ୟର କେତେକ ସ୍ଥାନରେ ଆଜିଠାରୁ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା କଟକ, ଜଗତ୍‌ସିଂହପୁର ଆଦି ଜିଲ୍ଲାର କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବାର ଅନୁମାନ କରାଯାଇଛି। ଅନ୍ୟପକ୍ଷରେ, ମୟୂରଭଂଜ, କେନ୍ଦୁଝର, ବାଲେଶ୍ୱର, କେନ୍ଦ୍ରାପଡା, କଟକ, ଜଗତ୍‌ସିଂହପୁର ଓ ଢେଂକାନାଳ ଜିଲ୍ଲାରେ ବିଜୁଳି ଓ ଘଡ଼ଘଡ଼ି ସହ ୪୦-୫୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି।